# NATIONAL NEWS BULLETIN (ODIA)

## 06th October - 2023

## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- ସରକାରୀ ହସ୍ପିଟାଲ୍‌ଗୁଡ଼ିକରେ ଡାକ୍ତର ଓ ଚିକିତ୍ସା ସହାୟକମାନଙ୍କର ଖାଲି ପଦବୀ ନ ଥିବା ବିଷୟ ନିଶ୍ଚିତ କରିବାକୁ ବମ୍ବେ ହାଇକୋର୍ଟ ମହାରାଷ୍ଟ୍ର ସରକାରଙ୍କୁ କହିଛନନ୍ତି ।

- ନିର୍ବାଚନ କମିଶନ ଆଜି ନୂଆଦିଲ୍ଲୀରେ ପର୍ଯ୍ୟବେକ୍ଷକମାନଙ୍କ ସହ ଏକ ବୈଠକରେ ୫ଟି ରାଜ୍ୟର ବିଧାନସଭା ନିର୍ବାଚନପାଇଁ ରଣକୌଶଳ ସଂକ୍ରାନ୍ତରେ ଆଲୋଚନା କରିଛି ।

- ଦୁଇ ହଜାର ଟଙ୍କିଆ ନୋଟ୍‌ର ଚଳାଚଳ ବନ୍ଦ୍ ହେବା ପାଖେଇ ଆସୁଥିବାବେଳେ ଏବେବି ଶତକଡ଼ା ୩ ଦଶମିକ ୩/୭ ଭାଗ ନୋଟ୍ ବ୍ୟାଙ୍କ୍ ପାଖକୁ ଆସି ନାହିଁ ।

- ଇରାନ୍ ମାନବାଧିକାର କର୍ମୀ ନର୍ଗେସ୍ ମହମ୍ମଦିଙ୍କୁ ୨୦୨୩ ନୋବେଲ୍ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି ।

ଏବଂ

- ହାଙ୍ଗ୍‌ଝୌ ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ୯୨କୁ ବୃଦ୍ଧି ପାଇଛି ।

## ମହା-ବମ୍ବେ ଏଚ୍.ସି.

ସରକାରୀ ହସ୍ପିଟାଲ୍‌ଗୁଡ଼ିକରେ ଡାକ୍ତର ଓ ଚିକିତ୍ସା ସହାୟକମାନଙ୍କର ଖାଲି ପଦବୀ ନ ଥିବା ବିଷୟ ନିଶ୍ଚିତ କରିବାକୁ ବମ୍ବେ ହାଇକୋର୍ଟ ମହାରାଷ୍ଟ୍ର ସରକାରଙ୍କୁ କହିଛନ୍ତି । ବମ୍ବେ ହାଇକୋର୍ଟ ମୁଖ୍ୟ ବିଚାରପତି ଡି.କେ. ଉପାଧ୍ୟାୟ ଓ ଜଷ୍ଟିସ୍ ଅରିଫ୍ ଡକ୍ଟର୍‌ଙ୍କ ଖଣ୍ଡପୀଠ ମହରାଷ୍ଟ୍ର ଚିକିତ୍ସା ସମାଗ୍ରୀ ସଂଗ୍ରହ ଆଇନ ଅଧୀନରେ ଦୁଇ ସପ୍ତାହ ମଧ୍ୟରେ ଜଣେ ସି.ଇ.ଓ.ଙ୍କୁ ନିଯୁକ୍ତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଅଦାଲତ ଏକ ପି.ଆଇ.ଏଲ୍.ର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ନାନ୍ଦେଡ୍ ଓ ଛତ୍ରପତି ସମ୍ଭାଜୀ ନଗର ଜିଲ୍ଲାର ଦୁଇଟି ସରକାରୀ ହସ୍ପିଟାଲ୍‌ରେ ଦୁଇଦିନ ମଧ୍ୟରେ ୫୦ରୁ ଅଧିକ ଲୋକ ମୃତ୍ୟୁବରଣ କରିବା ଘଟଣା ଉପରେ ସେହି ପି.ଆଇ.ଏଲ୍. ଦାଖଲ ହୋଇଥିଲା । ସରକାରଙ୍କ ଜବାବ ଉପରେ ଅସନ୍ତୋଷ ପ୍ରକାଶ କରି କୋର୍ଟ ସରକାଙ୍କଦ୍ୱାରା ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ଜାଣିବାକୁ ଚାହିଁଥିଲେ ।

ରାଜ୍ୟ ସରକାରଙ୍କ ପକ୍ଷରୁ କୋର୍ଟରେ ହାଜର ହୋଇ ଆଡ୍‌ଭୋକେଟ୍ ଜେନେରାଲ୍ ବିରେନ୍ଦ୍ର ସରଫ୍ ହସ୍ପିଟାଲ୍‌ଗୁଡ଼ିକ ପକ୍ଷରୁ କୌଣସି ଅବହେଳା ହୋଇ ନ ଥିବାର କହିଥିଲେ । ହସ୍ପିଟାଲ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ଔଷଧ ମହଜୁଦ ଥିବାର ଆଡ୍‌ଭୋକେଟ୍ ଜେନେରାଲ୍ କହିଥିଲେ । ହସ୍ପିଟାଲ୍‌ଗୁଡ଼ିକରେ ଡାକ୍ତରମାନଙ୍କ ଉପରେ ଅଧିକ ଚାପ ପଡୁଥିବାର ସେ ଦର୍ଶାଇଥିଲେ ।

ରାଜ୍ୟ ସରକାର ଦାୟିତ୍ୱରୁ ଓହରିପାରିବେ ନାହିଁ ବୋଲି ଦର୍ଶାଇ କୋର୍ଟ କହିଛନ୍ତି । ୨୦୨୦-୨୧ର ବଜେଟ୍ ଅର୍ଥ ଶତକଡ଼ା ୪ ଦଶମିକ ୭/୮ ଭାଗରୁ ସରକାର ଚଳିତ ବର୍ଷ ଏହାକୁ ଶତକଡ଼ା ୪ ଦଶମିକ ୦/୧ ଭାଗକୁ ହ୍ରାସ କରିଛନ୍ତି । ସରକାରୀ ହସ୍ପିଟାଲ୍‌ଗୁଡ଼ିକର ଅନୁମୋଦିତ ପଦବୀ ସଂକ୍ରାନ୍ତ ବିସ୍ତୃତ ତଥ୍ୟ ଦେବାକୁ ଅଦାଲତ ସ୍ୱାସ୍ଥ୍ୟ ବିଭାଗ ପ୍ରଧାନ ସଚିବ ଓ ଔଷଧ ବିଭାଗକୁ କହିଛନ୍ତି ।

## ଇ.ସି.ଆଇ. - ଅବ୍‌ଜର୍‌ଭର ମିଟିଙ୍ଗ

ନିର୍ବାଚନ କମିଶନ ଆଜି ନୂଆଦିଲ୍ଲୀରେ ପର୍ଯ୍ୟବେକ୍ଷକମାନଙ୍କ ସହ ଏକ ବୈଠକରେ ୫ଟି ରାଜ୍ୟର ବିଧାନସଭା ନିର୍ବାଚନପାଇଁ ରଣକୌଶଳ ସଂକ୍ରାନ୍ତରେ ଆଲୋଚନା କରିଛି । ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ, ପୁଲିସ୍ ପର୍ଯ୍ୟବେକ୍ଷକ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ଯୋଗ ଦେଇଥିଲେ ।

ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ତେଲଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଏହି ବୈଠକ ବସିଥିଲା । ନିର୍ବାଚନ ପ୍ରକ୍ରିୟାର ତଦାରଖରେ ପର୍ଯ୍ୟବେକ୍ଷକମାନେ ମୁଖ୍ୟ ଭୂମିକା ନେଇଥା'ନ୍ତି । ମୁଖ୍ୟ ନର୍ବାଚନ କମିଶନର୍ ରାଜୀବ କୁମାର ଓ ନିର୍ବାଚନ କମିଶନର୍ ଅନୁପଚନ୍ଦ୍ର ପାଣ୍ଡେ ଏବଂ ଅରୁଣ ଗୋୟଲ୍ ବୈଠକରେ ଉଦ୍‌ବୋଧନ ଦେଇଛନ୍ତି ।

## ଆର୍.ବି.ଆଇ. ଗଭର୍ଣ୍ଣର୍

ଦୁଇ ହଜାର ଟଙ୍କିଆ ନୋଟ୍ ଜମା ଅବା ବଦଳାଇବାର ଅବଧି ସମୟ ଶେଷ ହେବା ନିକଟ ହୋଇ ଆସୁଥିବା ଦୃଷ୍ଟିରୁ ରିଜର୍ଭ ବ୍ୟାଙ୍କ୍ କହିଛି, ଏବେବି ଶତକଡ଼ା ୩ ଦଶମିକ ୩/୭ ଭାଗ ପ୍ରାୟ ୧୨ ହଜାର କୋଟି ଟଙ୍କା ଦୁଇ ହଜାର ଟଙ୍କିଆ ନୋଟ୍ ବ୍ୟାଙ୍କ୍ ପାଖକୁ ଆସି ନାହିଁ । ମୁମ୍ବାଇରେ ଆର୍.ବି.ଆଇ. ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସାମ୍ବାଦିକମାନଙ୍କ ସହ ଆଜି କଥା ହୋଇ କହିଛନ୍ତି, ଏଯାବତ୍ ୩ ଲକ୍ଷ ୪୩ ହଜାର କୋଟି ଟଙ୍କାର ଦୁଇ ହଜାର ଟଙ୍କିଆ ନୋଟ୍ ସରକାରଙ୍କ ପାଖକୁ ଫେରି ଆସିଲାଣି । ତେବେ ୮୭ ପ୍ରତିଶତ ଦୁଇହଜାର ଟଙ୍କିଆ ନୋଟ୍ ବ୍ୟାଙ୍କ୍‌ରେ ଜମା କରାଯାଇଥିବାବେଳେ ବାକି ନୋଟ୍‌ଗୁଡ଼ିକ ଲୋକମାନେ ବ୍ୟାଙ୍କ୍‌ରେ ବଦଳାଇଛନ୍ତି । ଏହି ନୋଟ୍‌ଗୁଡ଼ିକର ବୈଧତା ଥିଲେ ମଧ୍ୟ ବ୍ୟାଙ୍କ୍ ଏହି ନୋଟ୍‌ଗୁଡ଼ିକୁ ଆଉ ଗ୍ରହଣ କରିବ ନାହିଁ । ଜଣେ ବ୍ୟକ୍ତି ଯଦି ଏହି ଦୁଇ ହଜାର ଟଙ୍କିଆ ନୋଟ୍‌ଗୁଡ଼ିକୁ

ବଦଳାଇବାପାଇଁ ଚାହିଁବେ, ଆର୍.ବି.ଆଇ.ର ୧୯ଟି ଶାଖାରେ ସେଗୁଡ଼ିକୁ ବଦଳାଇପାରିବେ । ତେବେ ଏକକାଳୀନ ଜଣେ ବ୍ୟକ୍ତି ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଦୁଇ ହଜାର ଟଙ୍କିଆ ନୋଟ୍ ବଦଳାଇପାରିବେ ବୋଲି ଆର୍.ବି.ଆଇ. ପକ୍ଷରୁ କୁହାଯାଇଛି ।

## ନୋବେଲ ପିସ୍ ପ୍ରାଇଜ୍ - ନର୍ଗେସ୍

ଇରାନ୍ ମାନବାଧିକାର କର୍ମୀ ନର୍ଗେସ୍ ମହମ୍ମଦିଙ୍କୁ ୨୦୨୩ ନୋବେଲ୍ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି । ମହିଳାମାନଙ୍କ ଅତ୍ୟାଚାର ବିରୋଧରେ ସେ ସଂଗ୍ରାମ କରୁଥିଲେ । ସେ ନୋବେଲ୍ ଶାନ୍ତି ପୁରସ୍କାର ପାଇବାରେ ଊନବିଂଶ ମହିଳା ହୋଇଛନ୍ତି । ଇରାନ୍‌ର ପ୍ରମୁଖ ମାନବାଧିକାର କର୍ମୀମାନଙ୍କ ମଧ୍ୟରେ ସେ ଗଣା ହୁଅନ୍ତି । ଶ୍ରୀମତୀ ମହମ୍ମଦିଙ୍କୁ ୧୩ ଥର ଗିରଫ କରାଯାଇଛି । ସେ ୫ ଥର ଦୋଷୀ ସାବ୍ୟସ୍ତ ହୋଇ ୩୧ ବର୍ଷ ଜେଲ୍ ଦଣ୍ଡାଦେଶ ପାଇଛନ୍ତି । ତାଙ୍କୁ ୧୫୪ ଥର ଚାବୁକ୍ ମାଡ଼ର ଦଣ୍ଡାଦେଶ ହୋଇଛି । ସେ ଜେଲ୍‌ରେ ଅଛନ୍ତି । ନରୱେ ନୋବେଲ୍ କମିଟି ଇରାନ୍‌ରେ ମହିଳାମାନଙ୍କ ଅତ୍ୟାଚାର ବିରୋଧରେ ତାଙ୍କର ସଂଗ୍ରାମ ମାନବାଧିକାରର ପ୍ରସାର ତଥା ସମସ୍ତଙ୍କୁ ସ୍ୱାଧୀନତା ପ୍ରଦାନପାଇଁ ତାଙ୍କର କାର୍ଯ୍ୟ ସକାଶେ ତାଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି । ପୁରସ୍କାର

ବାବଦରେ ସେ ୧ ନିୟୁତ ଡଲାର ଅର୍ଥ ପାଇବେ । ଡିସେମ୍ବର ୧୦ ତାରିଖରେ ଓସ୍‌ଲୋ’ଠାରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ।

## ଏଚ୍.ଏମ୍. - ଏଲ୍.ଡବ୍ଲ୍ୟୁ.ଇ. ମିଟିଙ୍ଗ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ନକ୍ସଲବାଦ ଉପରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ, ଅଶ୍ୱିନୀ ଚୁବେ, ଅର୍ଜୁନ ମୁଣ୍ଡା ଓ ଦେବୁ ସିଂ ଚୌହାନ୍ ଏବଂ ଜାତୀୟ ନିରାପତ୍ତା ଉପଦେଷ୍ଟା ଅଜିତ ଡୋଭାଲ୍ ବୈଠକରେ ଯୋଗ ଦେଇଥିଲେ । ନକ୍ସଲ ଉପଦ୍ରୁତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ବୈଠକରେ ଅଂଶଗ୍ରହଣ କରିଛନ୍ତି ।

## ପି.ଏମ୍. - ଗୋରେଗାଓଁ ଫାୟାର୍

ମୁମ୍ବାଇର ଗୋରେଗାଓଁ ଅଗ୍ନିକାଣ୍ଡ ଘଟଣାରେ ଲୋକମାନେ ପ୍ରାଣ ହରାଇବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ ମୃତବ୍ୟକ୍ତିମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଘୋଷଣା

କରିଛନ୍ତି । ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦିଆଯିବ । ପ୍ରଧାନମନ୍ତ୍ରୀ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । କ୍ଷତିଗ୍ରସ୍ତ ଲୋକମାନଙ୍କୁ ସମସ୍ତ ସମ୍ଭାବ୍ୟ ସାହାଯ୍ୟ ଯୋଗାଇଦେବା ବିଷୟରେ ପ୍ରଧାନମନ୍ତ୍ରୀ ଜଣାଇଛନ୍ତି ।

# ରୁଷିଆ-ୟୁକ୍ରେନ୍

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ରୁଷ' ୟୁକ୍ରେନ୍‌ରେ ଯୁଦ୍ଧର ଆରମ୍ଭ କରି ନ ଥିଲା ବୋଲି ତାଙ୍କର ମନ୍ତବ୍ୟକୁ ଦୋହରାଇଛନ୍ତି । କିନ୍ତୁ ରୁଷ ୟୁକ୍ରେନ୍‌ରେ ଏକ ସ୍ୱତନ୍ତ୍ର ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା ଓ ୟୁକ୍ରେନ୍‌କୁ ନିବୃତ୍ତ ରଖିବାକୁ ଏହା କରାଯାଇଥିଲା ବୋଲି ସେ କହିଛନ୍ତି । ଗତକାଲି ସୋଚି'ରେ Valdai Disscussion Clubରେ ଏକ ବକ୍ତବ୍ୟରେ ଶ୍ରୀ ପୁଟିନ କହିଥିଲେ ଆକାର ଦୃଷ୍ଟିରୁ ବିଶ୍ୱର ସର୍ବବୃହତ୍ ଦେଶ ରୁଷ୍ ୟୁକ୍ରେନ୍‌ର କୌଣସି ଅଞ୍ଚଳ ଅକ୍ତିଆର କରିବାକୁ ଚାହିଁ ନ ଥିଲା । ସେ କହିଥିଲେ ଏହି ବିବାଦ ଅଞ୍ଚଳ ଅକ୍ତିଆର ପାଇଁ ଉଦ୍ଦିଷ୍ଟ ନ ଥିଲା । ଏହା କେବଳ ବିଶ୍ୱରେ ସମାନତା ସ୍ଥାପନ ପାଇଁ ଉଦ୍ଦିଷ୍ଟ ଥିଲା । ସେ ପୁଣି କହିଥିଲେ, ପାଶ୍ଚାତ୍ୟ ରାଷ୍ଟ୍ରମାନେ ସେମାନଙ୍କର ଆଧିପତ୍ୟ ବିସ୍ତାର କ୍ଷମତା ହରାଇବା ସହିତ ବାସ୍ତବତାକୁ ଉପଲବ୍ଧ କରିବା କ୍ଷମତା ମଧ୍ୟ ହରାଇଛନ୍ତି ।

# ସିକ୍କିମ ଡିଜାଷ୍ଟର

ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗ୍ ପକ୍ୟୋଙ୍ଗ୍ ଜିଲ୍ଲାର ରାଙ୍ଗ୍ପୋଠାରେ ଘଟିଥିବା କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକୁ ଅନୁଧ୍ୟାନ କରିଛନ୍ତି । ନେପାଳି ଭବନ, ଗୋଲିତାର ରିଲିଫ୍ କ୍ୟାମ୍ପ, ବରଦାଙ୍ଗ, ବଗେୟିଖୋଲା, ଦିବ୍ୟଜ୍ୟୋତି ସ୍କୁଲ୍, ମଜିତାର, ମାଇନିଙ୍ଗ୍ ଏସ୍.ଏସ୍.ଏସ୍. ଚନାତାର ରିଲିଫ୍ କ୍ୟାମ୍ପ୍ ଆଦିରେ ଆଶ୍ରୟ ନେଇଥିବା କ୍ଷତିଗ୍ରସ୍ତ ଲୋକମାନଙ୍କୁ ଭେଟି ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ଅଟଳ ସେତୁ ପୋଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବୁଲି ଦେଖିଛନ୍ତି । ସେହିପରି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ସିଙ୍ଗ୍ତାମ୍ ସହରାଞ୍ଚଳରେ ଥିବା ଗ୍ଲାସିୟର୍ ହ୍ରଦ ଆଦି ସ୍ଥାନକୁ ମୁଖ୍ୟମନ୍ତ୍ରୀ ଅନୁଧ୍ୟାନ କରିଛନ୍ତି । ସେହିପରି ସିଙ୍ଗ୍ତାମ୍ ସିନିୟର ସେକେଣ୍ଡାରୀ ସ୍କୁଲ୍ ଆଶ୍ରୟସ୍ଥଳୀରେ ପ୍ରଭାବିତ ପରିବାରମାନଙ୍କୁ ଭେଟି ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି । ଏହି ଦୁର୍ବିପାକରେ ପ୍ରାଣ ହରାଇଥିବା ଭାରତୀୟମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ  କ୍ଷତିପୂରଣ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

# ଡବ୍ଲ୍ୟୁ.ବି. - ସି.ଏମ୍. ମିଟିଂ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି ଗୋର୍ଖାଲାଣ୍ଡ ଆଞ୍ଚଳିକ ପ୍ରଶାସନ - ଜି.ଟି.ଏ. ମୁଖ୍ୟ ଅନିତ୍ ଥାପାଙ୍କ ସହ ଟେଲିଫୋନ୍‌ରେ ପ୍ରାକୃତିକ ଦୁର୍ବିପାକ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ପାର୍ବ୍ୟତ୍ୟାଞ୍ଚଳରେ ଘଟିଥିବା ପ୍ରାକୃତିକ ଦୁର୍ବିପାକଜନିତ ଘଟିଥିବା କ୍ଷୟକ୍ଷତିର ରାଜ୍ୟ ସରକାର ସମୀକ୍ଷା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଥାପାଙ୍କୁ  ଆଶ୍ୱାସନା ଦେଇଛନ୍ତି । ସେଠାରେ ଘଟିଥିବା କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବାପାଇଁ ଏକ ସ୍ୱତନ୍ତ୍ର ଦଳ ପଠାଇବାପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ନବନ୍ନାସ୍ଥିତ ରାଜ୍ୟ ସଚିବାଳୟରେ ଆଜି ସକାଳେ ଜି.ଟି.ଏ. ମୁଖ୍ୟ ଶ୍ରୀ ଥାପା ମୁଖ୍ୟ ଶାସନ ସଚିବ ହରିକ୍ରିଷ୍ଣ ଦ୍ୱିବେଦୀଙ୍କ ସହ ଏକ ବୈଠକରେ ଆଲୋଚନା କରିଛନ୍ତି । ତିସ୍ତା ନଦୀରେ ପ୍ରବଳ ବନ୍ୟା ଆସିବାରୁ କାଲିମ୍ପୋଙ୍ଗ୍‌ରେ ପ୍ରାୟ ୩୦୦ ଘର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମଳିଛି । ଏହାର ବ୍ୟାପକ କ୍ଷୟକ୍ଷତିର ସବିଶେଷ ରିପୋର୍ଟ ବି.ଡି.ଓ.ମାନେ ଗସ୍ତକରିବା ପରେ ଜଣାପଡ଼ିବ । ଏହି ପ୍ରାକୃତିକ ଦୁର୍ବିପାକରେ ବେଙ୍ଗଲ-ସିକ୍କିମ ସୀମାନ୍ତ ଅଞ୍ଚଳରେ ଏହି ଯାଇଥିବା ୧୦ ନମ୍ବର ଜାତୀୟ ରାଜପଥ ବିଶେଷ କ୍ଷତିଗ୍ରସ୍ତ ହୋଇଛି ।

## ରୁଷିଆ-ୟୁକ୍ରେନ୍

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ରୁଷ' ୟୁକ୍ରେନ୍‌ରେ ଯୁଦ୍ଧର ଆରମ୍ଭ କରି ନ ଥିଲା ବୋଲି ତାଙ୍କର ମନ୍ତବ୍ୟକୁ ଦୋହରାଇଛନ୍ତି । କିନ୍ତୁ ରୁଷ ୟୁକ୍ରେନ୍‌ରେ ଏକ ସ୍ୱତନ୍ତ୍ର ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା ଓ ୟୁକ୍ରେନ୍‌କୁ ନିବୃତ୍ତ ରଖିବାକୁ ଏହା କରାଯାଇଥିଲା ବୋଲି ସେ କହିଛନ୍ତି । ଗତକାଲି ସୋଚି'ରେ Valdai Disscussion Clubରେ ଏକ ବକ୍ତବ୍ୟରେ ଶ୍ରୀ ପୁତିନ କହିଥିଲେ ଆକାର ଦୃଷ୍ଟିରୁ ବିଶ୍ୱର ସର୍ବବୃହତ୍ ଦେଶ ରୁଷ୍ ୟୁକ୍ରେନ୍‌ର କୌଣସି ଅଞ୍ଚଳ ଅକ୍ତିଆର କରିବାକୁ ଚାହିଁ ନ ଥିଲା । ସେ କହିଥିଲେ ଏହି ବିବାଦ ଅଞ୍ଚଳ ଅକ୍ତିଆର ପାଇଁ ଉଦ୍ଦିଷ୍ଟ ନ ଥିଲା । ଏହା କେବଳ ବିଶ୍ୱରେ ସମାନତା ସ୍ଥାପନ ପାଇଁ ଉଦ୍ଦିଷ୍ଟ ଥିଲା । ସେ ପୁଣି କହିଥିଲେ, ପାଶ୍ଚାତ୍ୟ ରାଷ୍ଟ୍ରମାନେ ସେମାନଙ୍କର ଆଧିପତ୍ୟ ବିସ୍ତାର କ୍ଷମତା ହରାଇବା ସହିତ ବାସ୍ତବତାକୁ ଉପଲବ୍ଧି କରିବା କ୍ଷମତା ମଧ୍ୟ ହରାଇଛନ୍ତି ।

## ଏସିଆନ୍ ଗେମ୍‌ସ୍

ଚୀନ୍‌ର ହାଙ୍ଗ୍‌ଝୌ'ଠାରେ ଚାଲିଥିବା ଏସୀୟ କ୍ରୀଡ଼ାରେ ଭାରତ ୨୧ଟି ସ୍ୱର୍ଣ୍ଣ, ୩୩ଟି ରୌପ୍ୟ ଓ ୩୮ଟି ବ୍ରୋଞ୍ଜ୍ ପଦକ ସହ ମୋଟ ୯୨ଟି ପଦକ

ହାସଲ କରିଛି । ପଦକ ତାଲିକାରେ ଭାରତ ଚତୁର୍ଥ ସ୍ଥାନରେ ରହିଛି । ଭାରତ ଏହି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ଜାରି ରଖି ୧୦୦ଟି ପଦକ ହାସଲ କରିବା ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛି । ଆଜି ମହିଳା ତୀରଚାଳନା ପ୍ରତିଯୋଗିତାରେ ଭାରତ ୬-୨ରେ ଭିଏତ୍‌ନାମ୍‌କୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ପୁରୁଷ ବର୍ଗରେ ଦକ୍ଷିଣ କୋରିଆକୁ ହରାଇ ରୌପ୍ୟ ପଦକ ପାଇଛି । ସେହପରି ମହିଳା ବର୍ଗ ଭାରୋତ୍ତଳନ ପ୍ରତିଯୋଗିତାରେ ସୋନମ୍ ଚୀନ୍‌ର ଲୋଙ୍ଗ୍ ଜିଆ'ଙ୍କୁ ହରାଇ ବ୍ରୋଞ୍ଜ୍ ପଦକ ପାଇଥିବାବେଳେ କିରଣ ବିଷ୍ଣୋଇ ମଙ୍ଗୋଲିଆକୁ ହରାଇ ବ୍ରୋଞ୍ଜ୍ ପଦକ ପାଇଛନ୍ତି । ବ୍ୟାଡ୍‌ମିଣ୍ଟନ୍‌ରେ ଏଚ.ଏସ୍. ପ୍ରଣୟ ବ୍ରୋଞ୍ଜ୍ ପଦକ ପାଇଛନ୍ତି ।

## ଅନୁରାଗ ଠାକୁର - ଏସିଆନ୍ ଗେମ୍‌ସ୍

କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁ ଏସୀୟ କ୍ରୀଡ଼ା ପୁରୁଷ ସିଙ୍ଗଲ୍‌ସ୍ ବ୍ୟାଡ୍‌ମିଟନ ପ୍ରତିଯୋଗିତାରେ ଏଚ୍. ଏସ୍. ପ୍ରଣୟ ବ୍ରୋଞ୍ଜ୍ ପଦକ ବିଜୟୀ ହୋଇଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ ଏଚ୍.ଏସ୍. ପ୍ରଣୟଙ୍କର ଅଦମ୍ୟ କ୍ରୀଡ଼ାଭାବନାର ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ୪୧ ବର୍ଷ ପରେ ଏସୀୟ କ୍ରୀଡ଼ାରେ ପୁରୁଷ ସିଙ୍ଗଲ୍‌ସ୍

ପ୍ରତିଯୋଗିତାରେ ବ୍ରୋଞ୍ଜ୍ ପଦକ ବିଜୟୀ ହୋଇଥିବାରୁ ଏହା ଦେଶପାଇଁ ଗୌରବ ଆଣିଦେଇଛି ।

*****